ପ୍ରେସ୍‌ନୋଟ୍

## ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଶିଳ୍ପୋଦ୍ୟୋଗୀ ସପ୍ତାହ-୨୦୨୩ ର ଉଦଘାଟନ ।

ଅନୁଗୋଳ ୦୫.୦୩ :- ଆଜି ସନ୍ଧ୍ୟାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୁଲ୍ୟରେ ସ୍ଥାନୀୟ ବିଜୁ ମଇଦାନ ଠାରେ ଶିଳ୍ପୋଦ୍ୟୋଗୀ ସପ୍ତାହ-୨୦୨୩ର ଉଦଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ସମ୍ମାନୀତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ବୃନ୍ଦାବନ ସାହୁ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ପ୍ରମୋଦ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ ଏବଂ ପ୍ରଭୁ ଜଗନ୍ନାଥଙ୍କ ଚରଣ କମଳରେ ପୁଷ୍ପାର୍ଘ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜି ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଶିଳ୍ପୋଦ୍ୟୋଗୀ ସପ୍ତାହ ଉପଲକ୍ଷେ ୧୦୦ରୁ ଊର୍ଦ୍ଧ ଷ୍ଟଲରେ ବିଭିନ୍ନ ଜିଲ୍ଲାରୁ ଶିଳ୍ପୋଦ୍ୟୋଗୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସବୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିକ୍ରିବଟା ପାଇଁ ଉପଲବଧ ହେବ । ଆଜି ପଞ୍ଚାୟତିରାଜ ଦିବସ ଉପଲକ୍ଷେ ନୂତନ ଓଡିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ମନେ ପକାଇ ତାଂକର ପ୍ରତ୍ୟକ୍ଷ ସାନିଧ୍ୟ ଲାଭ କରିଥିବା ତାଂକ ଅନୁଭୂତି ବର୍ଣ୍ଣନା କରିବା ସହ ଓଡିଶାରେ ଶିଳ୍ପାନୁଷ୍ଠାନର ମୂଳଦୁଆ ପକାଇବାରେ ତାଙ୍କ ଭୂମିକା ସମ୍ପର୍କରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ସାହୁ ଆଲୋକପାତ କରିଥିଲେ । ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦିଗରେ ଏ ୟୁ ସି ସି ବି ଯୁବ ଶିଳ୍ପୋଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଛେଣ୍ଡିପଦା ବିଧାୟକ ତାଂକ ଜୀବନରେ ନିଜସ୍ୱ ପ୍ରଚେଷ୍ଟାରେ ଛୋଟ ବଡ କ୍ଷୁଦ୍ର ଶିଳ୍ପ ସ୍ଥାପନ କରି ୬୦ରୁ ଊର୍ଦ୍ଧ କୁଶଳୀ କାରିଗରଙ୍କୁ ନିଯୁକ୍ତି ସୁଯୋଗ ଦେଇପାରିଛନ୍ତି ଏବଂ ଯୁବ ବର୍ଗ ଚାକିରି ପଛରେ ନ ଦୌଡି ନିଜେ ଜଣେ ଜଣେ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ଯୋଗାଇବା ସହ ନିଜ ଅଂଚଳର ବିକାଶ କରିବା ଏବଂ ରାଜ୍ୟ ବିକାଶରେ ଭାଗୀଦାର ହେବାକୁ ଆହ୍ୱାନ ଜଣାଇଥିଲେ । ଶିଳ୍ପୋଦ୍ୟୋଗୀ ହେବା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁ ଦୂର କରି ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଉଦ୍‌ଯୋଗୀମାନଙ୍କୁ ସହାୟତା ପ୍ରଦାନ କରିପାରିଲେ ରାଜ୍ୟରେ କ୍ଷୁଦ୍ର ଶିଳ୍ପର ବିକାଶ ହୋଇପାରିବ ବୋଲି ମୁଖ୍ୟ ଅତିଥି ତାଂକ ଅଭିଭାଷଣରେ କହିଥିଲେ । ପରେ ପରେ ସମସ୍ତ ଅତିଥିଗଣଙ୍କୁ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସମସ୍ତ ଷ୍ଟଲ ବୁଲାଇ ଦେଖାଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୧୯୫ ତା.୦୫.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

5/3/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ODISHA
NEW OPPORTUNITIES
DIPA
Angul
Entrepreneurs' Week - 2023
OPPO Reno7 5G
2023.03.05 19:57


rs' Week -
23, Bi
OPPO Reno7 5G
2023.03.05 19:56